# NATIONAL NEWS BULLETIN (ODIA)

**25 December - 2025**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଲକ୍ଷ୍ନୌଠାରେ ରାଷ୍ଟ୍ର ପ୍ରେରଣାସ୍ଥଳକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ନିଶାଦ୍ରବ୍ୟ, ମାନବଚାଲାଣ ଓ ଅପରାଧ ବିରୁଦ୍ଧରେ ଲଢ଼େଇ କରୁଥିବା ରାଜ୍ୟଗୁଡ଼ିକ ସହିତ ସହିତ ସହଯୋଗ କରୁଛନ୍ତି କେନ୍ଦ୍ର ସରକାର ।
- ଭୀ ବି ଜୀ ରାମ୍ ଜୀ ଆଇନ୍ ୨୦୨୫ ଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥା ଅଧିକ ସଶକ୍ତ ହେବା ସହିତ ନିରନ୍ତର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ପ୍ରଭୁ ଯୀଶୁଙ୍କ ଜନ୍ମଦିନକୁ ଖ୍ରୀଷ୍ଟପର୍ବ ଭାବେ ଆଜି ବିଶ୍ୱବ୍ୟାପୀ କରାଯାଉଛି ପାଳନ ।

ଏବଂ

- ସମ୍ମାନଜନକ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଲାଗି  ମନୋନୀତ ହୋଇଛନ୍ତି ହକି ତାରକା ହାର୍ଦ୍ଦିକ ସିଂହ ।

## ପିଏମ୍-ପ୍ରେରଣାସ୍ଥଳ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଲକ୍ଷ୍ନୌ ଗସ୍ତ କରିବେ । ଅପରାହ୍ଣ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଶ୍ରୀ ମୋଦୀ ଲକ୍ଷ୍ନୌସ୍ଥିତ ରାଷ୍ଟ୍ର ପ୍ରେରଣାସ୍ଥଳକୁ ଉଦ୍‌ଘାଟନ କରିବା ସହିତ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ସ୍ଥଳକୁ ଏକ ଐତିହାସିକ ଜାତୀୟ ସ୍ମାରକୀ ଏବଂ ନିରନ୍ତର ଜାତୀୟ ମହତ୍ତ୍ୱର ପ୍ରେରଣାଦାୟକ ଭାବେ ବିକଶିତ କରାଯାଇଛି । ୬୫ ଏକର ପରିବ୍ୟାପ୍ତ ଏହି ସ୍ଥଳୀ ନିର୍ମାଣ ପାଇଁ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ନେତୃତ୍ୱ, ମୂଲ୍ୟବୋଧ, ଜାତୀୟ ସେବା, ସାଂସ୍କୃତିକ ଚେତନା ଓ ସାର୍ବଜନୀନ ପ୍ରେରଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ସ୍ଥଳୀକୁ ଏକ ଜାତୀୟ ସମ୍ପତ୍ତି ଭାବେ ଉତ୍ସର୍ଗ କରାଯିବ । ଏହି ସ୍ଥଳୀରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚତାର ବ୍ରୋଞ୍ଜ ପ୍ରତିମୂର୍ତ୍ତି ରହିଛି । ପ୍ରାୟ ୯୮ ହଜାର ବର୍ଗଫୁଟ ଅଞ୍ଚଳରେ ପଦ୍ମ ଆକୃତିରେ ଗଠନ କରାଯାଇଥିବା ଏହି ସ୍ଥଳୀରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ରହିଛି । ଦେଶର ଯାତ୍ରା ଏବଂ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ ଅବଦାନକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସେଠାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହିଛି ।

# ଶାହା – ଟେରୋରିଜିମ

ନିଶାଦ୍ରବ୍ୟ, ମାନବଚାଲାଣ, ସାଇବର ଅପରାଧ ଏବଂ ସଂଗଠିତ ଅପରାଧ ବିରୁଦ୍ଧରେ ଲଢ଼େଇ କରୁଥିବା ରାଜ୍ୟଗୁଡ଼ିକ ସହିତ କେନ୍ଦ୍ର ସରକାର ଦୃଢ଼ଭାବେ ଛିଡା ହୋଇଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି । ଗତକାଲି ହରିୟାଣାର ପଞ୍ଚକୁଲାଠାରେ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି କିଛିବର୍ଷ ପୂର୍ବେ ବାମପନ୍ଥୀ ଉଗ୍ରବାଦ, ଜାମ୍ମୁକାଶ୍ମୀରର ସନ୍ତ୍ରାସବାଦ କାର୍ଯ୍ୟ ଏବଂ ଉତ୍ତରପୂର୍ବାଞ୍ଚଳର ସଶସ୍ତ୍ର ଗୋଷ୍ଠୀଙ୍କ ଦ୍ୱାରା ଦେଶରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲା । ତେବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ଦେଶ ସମ୍ମୁଖରେ ଥିବା ଏହି ୩ଟି ବଡ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରାଯାଇପାରିଛି । ବର୍ତ୍ତମାନ ଦେଶରେ ଏହି ୩ଟି କ୍ଷେତ୍ରରେ ଶାନ୍ତି ଦେଖାଦେଇଥିବା ବେଳେ ଦେଶର ସୁରକ୍ଷା ଉପରେ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି ।

**V/O (AMIT-SHAH-ON--3-PROBLEMS)**

ଗତକାଲି ହରିୟାଣାର ଭିଓ୍ୱାନି ଜିଲ୍ଲା ଅନ୍ତର୍ଗତ ସାଲେମପୁର ଗ୍ରାମରେ ନବନିର୍ମିତ ଭିଟା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଶ୍ରୀ ଶାହା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ ଗରିଛନ୍ତି । ହରିୟାଣା ଦୁଗ୍ଧ ସମବାୟ ବିକାଶ ସଂଘ ଦ୍ୱାରା ୩କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ରଟି ନିର୍ମାଣ କରାଯାଇଛି । ଏହି କେନ୍ଦ୍ର ଦ୍ୱାରା ସାଲେମପୁର ସଂଲଗ୍ନ ପ୍ରାୟ ୧୦୦ଟି ଗ୍ରାମର ଦୁଗ୍ଧ ଚାଷୀ ଉପକୃତ

ହୋଇପାରିବେ । ଏହି ଅବସରରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି କୃଷି ଓ କୃଷକ କଲ୍ୟାଣ ଲାଗି କେନ୍ଦ୍ର ସରକାର କୃଷି ବଜେଟ୍‌କୁ ଇତିମଧ୍ୟରେ ୧ଲକ୍ଷ ୨୭ହଜାର କୋଟି ଟଙ୍କାକୁ ବୃଦ୍ଧି କିରିଛନ୍ତି । ଏହାଛଡା କୃଷି, ପ୍ରାଣୀଧନ ଏବଂ ଦୁଗ୍ଧ କ୍ଷେତ୍ରକୁ ସମବାୟ କ୍ଷେତ୍ର ସହିତ ସଂଯୋଗ କରାଯିବା ଦ୍ୱାରା ପ୍ରାୟ ୧ କୋଟି ୨୫ ଲକ୍ଷ ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (AMIT-SHAH-ON-GRAMIN-BUDGET)**

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଚାଷୀମାନଙ୍କୁ ପ୍ଲାଟିନମ ଡେବିଟ୍ କାର୍ଡ ବଣ୍ଟନ କରିବା ସହିତ ଆନ୍ତର୍ଜାତିକ ସମବାୟ ବର୍ଷ ପ୍ରତି ଉତ୍ସର୍ଗୀକୃତ ଏକ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ଶିବରାଜ ସିଂହ-ଭୀ ବି ଜୀ ରାମ ଜୀ

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜିବିକା ମିଶନ ଗ୍ରାମୀଣ 'ଭି ବି ଜୀ ରାମ୍ ଜୀ' ଆଇନ୍ ୨୦୨୫ ସମ୍ପର୍କରେ ଗତକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଅବଗତ କରାଇଛନ୍ତି । ଏହି ଅବସରରେ ଶ୍ରୀ ସିଂହ କହିଛନ୍ତି ଏହି ରୂପାନ୍ତିକରଣ ଆଇନ୍ ମାଧ୍ୟମରେ ଦେଶର ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯିବା ସହିତ ନିରନ୍ତର ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରାଯାଇପାରିବ । ଏହି ଆଇନ୍ ଅଧୀନରେ ହିତାଧିକାରୀଙ୍କ ମଧ୍ୟରୁ

ଅନ୍ତତପକ୍ଷେ ଏକ ତୃତୀୟାଂଶ ମହିଳା ହୋଇଥିବା ଜରୁରୀ ଏବଂ ସେମାନଙ୍କୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ମଧ୍ୟ ଯୋଗାଇ ଦିଆଯିବ । ଜଳ ସୁରକ୍ଷା ଏବଂ ନିରନ୍ତର ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇ କୃଷିକ୍ଷେତ୍ର ସମେତ ଅନ୍ୟ କ୍ଷେତ୍ରରେ ମଧ୍ୟ ବର୍ଷକୁ ଅନ୍ତତ ୧୨୫ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି । ଏଥିରେ ଦେଶବ୍ୟାପୀ ୨ଲକ୍ଷ ୫୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମର ପ୍ରାୟ ୩୫ ଲକ୍ଷ ୨୯ ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ ।

## ପିଏମ୍-ଦିଲ୍ଲୀ ମେଟ୍ରୋ

ଦିଲ୍ଲୀର ଭିତ୍ତିଭୂମିକୁ ଏକ ପ୍ରମୁଖ ପ୍ରୋତ୍ସାହନ ମିଳିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି କେନ୍ଦ୍ର କ୍ୟାବିନେଟ୍‌ରେ ୧୨ହଜାର ୧୫ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ଫେଜ୍ ଫାଇବ୍-ଏ ପ୍ରକଳ୍ପ ଅନ୍ତର୍ଗତ ୩ଟି ନୂତନ କରିଡରକୁ ଅନୁମୋଦନ ମିଳିବା ପରେ ଶ୍ରୀ ମୋଦୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା  ଜାତୀୟ ରାଜଧାନୀର ମେଟ୍ରୋ ନେଟଓ୍ୱାର୍କ ଅଧିକ ସଂପ୍ରସାରିତ ହୋଇପାରିବ । ଏତଦ୍‌ବ୍ୟତୀତ ଟ୍ରାଫିକ ସମସ୍ୟା ହ୍ରାସ ପାଇବା ସହିତ ଜୀବନଧାରଣ ମାନକୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା

ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି କରିଡ଼ର ଗୁଡ଼ିକ ହେଲା ଆର୍.କେ. ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋ ସିଟିରୁ ଏୟାର୍ ପୋର୍ଟ୍ ଟର୍ମିନାଲ୍ ୱାନ୍ ଏବଂ ତୁଗ୍‌ଲଗ୍‌ବାଦ୍‌ରୁ କାଳନ୍ଦୀକୁଞ୍ଜ । ଏହି ପ୍ରକଳ୍ପ ଦ୍ୱାରା ଦିଲ୍ଲୀ ମେଟ୍ରୋ ନେଟ୍‌ୱାର୍କ ବ୍ୟବସ୍ଥା ୪୦୦ କିଲୋମିଟର ଅତିକ୍ରମ କରିବ । ୧୩ଟି ନୂତନ ମେଟ୍ରୋ ଷ୍ଟେସନ ମଧ୍ୟ ନିର୍ମାଣ କରାଯିବ ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଫେଜ୍ ଫାଇଭ୍-ଏ ମେଟ୍ରୋ ପ୍ରସାରଣ ପ୍ରକଳ୍ପ ଦ୍ୱାରା ଆର୍ଥିକ ବ୍ୟବସ୍ଥା ତ୍ୱରାନ୍ୱିତ ହେବା ସହ କେନ୍ଦ୍ରୀୟ ଦିଲ୍ଲୀ ଅଞ୍ଚଳରେ ଦିଲ୍ଲୀ ମେଟ୍ରୋ ନେଟ୍‌ୱାର୍କ ବ୍ୟବସ୍ଥା ଏବଂ ଘରୋଇ ଏୟାର୍‌ପୋର୍ଟ୍ ବ୍ୟବସ୍ଥା ସହଜ ହୋଇପାରିବ । ଦେଶରେ ଦିଲ୍ଲୀ ମେଟ୍ରୋ ଏକ ବୃହତମ ମେଟ୍ରୋ ନେଟ୍‌ୱାର୍କ ବ୍ୟବସ୍ଥା ଏବଂ ବିଶ୍ୱରେ ମଧ୍ୟ ବୃହତମ ମେଟ୍ରୋ ବ୍ୟବସ୍ଥା ମଧ୍ୟ ଅନ୍ୟତମ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ନଡ୍ଡା-ହେଲ୍‌ଥ ଫୋରମ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଗତ ୧୧ବର୍ଷ ମଧ୍ୟରେ ଦେଶରେ ମ୍ୟାଲେରିଆ ସଂକ୍ରମଣ ୮୦ ପ୍ରତିଶତ ହ୍ରାସ ପାଇଥିବାବେଳେ ଏହି ରୋଗଜନିତ ମୃତ୍ୟୁହାର ମଧ୍ୟ ୭୮ପ୍ରତିଶତ କମିଛି । ଗତକାଲି ନୂଆଦିଲ୍ଲୀଠାରେ ଜନସ୍ୱାସ୍ଥ୍ୟ ସମ୍ପର୍କିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି ଦେଶରେ ମ୍ୟାଲେରିଆ ରୋଗର

ଭୟାବହତା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇ ବର୍ତ୍ତମାନ ସ୍ଥିତି କ୍ରମଶଃ ସ୍ୱଭାବିକ ହୋଇଛି । ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ୨ହଜାର ଜନସଂଖ୍ୟାରେ ଗୋଟିଏ ଲେଖାଏଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରିବା ଲାଗି ସରକାରଙ୍କ ନିଷ୍ପତ୍ତି ଅନୁସାରେ ବର୍ତ୍ତମାନ ସୁଦ୍ଧା ୩୦ହଜାରରୁ ଊର୍ଦ୍ଧ୍ୱ ଆୟୁଷ୍ମାନ ମନ୍ଦିର ପ୍ରତିଷ୍ଠା କରାଯାଇଛି । ସେହିଭଳି ଭାରତରେ ଯକ୍ଷ୍ମା ସଂକ୍ରମଣ ହ୍ରାସ ପାଇଥିବା ଉପରେ ଆଲୋକପାତ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ବିଶ୍ୱରେ ଏହି ହାର ବର୍ତ୍ତମାନ ୧୨ ପ୍ରତିଶତ ଥିବାବେଳେ ଦେଶରେ ଏହି ହାର ୨୧ ରହିଛି । ସେହିଭଳି ୨୦୧୪ରେ ପ୍ରତି ୧ଲକ୍ଷ ଶିଶୁ ଜନ୍ମରେ ମାତୃ ମୃତ୍ୟୁହାର ୧୩୦ ଥିବାବେଳେ ଚଳିତବର୍ଷ ଏହା ୮୮କୁ ହ୍ରାସ ପାଇଛି । ଶିଶୁ ମୃତ୍ୟୁହାର ମଧ୍ୟ ବର୍ତ୍ତମାନ ୨୭କୁ ହ୍ରାସ ପାଇଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଖ୍ରୀଷ୍ଟମାସ

ଆଜି ବିଶ୍ୱବ୍ୟାପୀ ପ୍ରଭୁ ଯୀଶୁଙ୍କ ଜନ୍ମଦିନକୁ ଖ୍ରୀଷ୍ଟପର୍ବ ଭାବେ ପାଳନ କରାଯାଉଛି । ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ବ୍ୟକ୍ତିମାନେ ଏକତ୍ରିତ ହୋଇ ପ୍ରାର୍ଥନା କରୁଛନ୍ତି । ଚତୁର୍ଦ୍ଦଶ ପୋପ୍ ଲିଓ ଚଳିତବର୍ଷ ମେ’ ମାସରେ ନିର୍ବାଚିତ ହେବା ପରଠାରୁ ପ୍ରଥମଥର ଲାଗି ଖ୍ରୀଷ୍ଟମାସ ସମାରୋହରେ ଅଧ୍ୟକ୍ଷତା କରୁଛନ୍ତି । ଆଜି ପୋପ୍ ବଡ଼ଦିନ

ସମାରୋହରେ 'ଉର୍ବୀ ଏତ୍ ଓର୍ବି' ବାର୍ତ୍ତା ବିଶ୍ୱ ଉଦ୍ଦେଶ୍ୟରେ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଖ୍ରୀଷ୍ଟମାସ ପର୍ବର ଅବ୍ୟବହିତ ପୂର୍ବରୁ ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଶାନ୍ତି, ସଂହତି, ସମାନତା ଓ ସମାଜସେବାର ମୂଲ୍ୟବୋଧକୁ ସୁଦୃଢ଼ କରିବା ଲାଗି ପ୍ରଭୁ ଯୀଶୁଙ୍କ ଜୀବନାଦର୍ଶ ଓ ଏହି ପର୍ବ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିଥାଏ । ।

## ହାର୍ଦ୍ଦିକ ସିଂହ-ଖେଳରତ୍ନ

୨ ଥରର ଅଲମ୍ପିକ ପଦକ ବିଜେତା ତଥା ଭାରତୀୟ ପୁରୁଷ ହକି ଦଳର ଉପଅଧିନାୟକ ହାର୍ଦ୍ଦିକ ସିଂହଙ୍କୁ ସମ୍ମାନଜନକ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଲାଗି ମନୋନୀତ କରାଯାଇଛି । ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏହା ହେଉଛି ସର୍ବୋଚ୍ଚ ପୁରସ୍କାର । ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ମନୋନୀତ କ୍ରୀଡ଼ାବିତ୍ ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଥାନ୍ତି । ଭାରତୀୟ ଅଲମ୍ପିକ୍ସ ସଂଘର ଉପସଭାପତି ଗଗନ ନାରଙ୍ଗ, ପୂର୍ବତନ ହକି ଖେଳାଳି ଏମ୍. ଏମ୍. ସୋମାୟା ଏବଂ ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳି ଅପର୍ଣ୍ଣା ପୋପଟଙ୍କୁ ନେଇ ଗଠିତ ଚୟନ କମିଟିଙ୍କ ଦ୍ୱାରା ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫ ଲାଗି ମନୋନୟନ ଚୂଡ଼ାନ୍ତ କରାଯାଇଛି । ଏହି କମିଟି ଅର୍ଜୁନ

ପୁରସ୍କାର ଲାଗି ଯୋଗାସନ ଆଥ୍‌ଲେଟ ଆରତୀ ପାଲ୍, ସୁଟର ମେହୁଲୀ ଘୋଷ, ମଲ୍ଲଯୋଦ୍ଧା ପ୍ରଣତୀ ନାୟକ ଏବଂ ମହିଳା ବ୍ୟାଡମିଣ୍ଟନ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ସମେତ ୧୪ଜଣଙ୍କ ନାମ ସୁପାରିଶ କରିଛନ୍ତି ।